**PRESS BRIEF**

ODISHA HANDICRAFTS POLICY-2019

For accelerating the growth of handicrafts sector in the State, Government has today approved the Odisha Handicrafts Policy-2019.

2) The Odisha Handicrafts Policy-2019 aspires to focus on Handicrafts Sector in a State renowned for its craftsmanship and to leverage the unique selling proposition of the skilled workforce of Odisha. It recognizes that without the artisan, there can be no handicrafts. This policy provides centre stage to the artisan and his masterpieces. It aims to do so by creating a vibrant and sustainable handicrafts sector in the state with enhanced market share in the domestic and international market, improve the income and living standards of the handicraft artisans of the state, aspires to generate income generating opportunities and to preserve the cultural heritage and unique identity of Odisha's handicrafts.

3) The main objectives of the policy are:

- To empower handicraft artisans and make them lead partners in development.
- To focus on the welfare of artisans.
- To maximize income generating opportunities and attract new talent to the sector.
- Creation of necessary physical and human capital.
- To enhance Odisha's share of exports of handicraft goods.
- To focus on revival of languishing crafts.
- To ensure preservation of craft heritage.
- To develop a Centre of Excellence at SIDAC.

4) Since there are multi-faceted aspects to the development of the Handicrafts sector and the artisans, several parallel strategies would be

simultaneously need to be implemented to focus on different aspects. Major strategies that are to be followed for achieving the objectives are:

(A) Product

- Enable easy availability of Raw material
- Continuous Design Support for development of market/ life-style/ utility products.
- Collaborative effort for attractive, safe and eco-friendly packaging for handicrafts.
- Targeted Marketing of handicrafts.

(B) Producer

- Capacity Building to enhance skill level.
- Entrepreneurship to be encouraged.
- Coverage of handicraft artisans under various social security measures & welfare schemes.

(C) Sectoral Support

- Extending Margin Money Assistance for availing bank finance
- Survey and database management of handicraft artisans
- Collaboration with NID, NIFT etc. to infuse innovation in product design, quality, productivity, cost competitiveness etc.
- Cluster Development on SHG mode
- Revival of Languishing Crafts & Preservation of Rich Craft Heritage of Odisha
- Infrastructure Development for Marketing, Craft Schools, Handicraft Parks etc.
- Development of important craft centres as "Heritage Villages"
- Fiscal incentives as provided under IPR-2015 and MSME Development Policy-2016 to be extended to Handicrafts Sector
- Setting of Facilitation Centres for Awareness & Administration of Incentives

****

## ପ୍ରେସ୍ ଇସ୍ତାହାର

# ଓଡ଼ିଶା ହସ୍ତଶିଳ୍ପ ନୀତି ୨୦୧୯

ରାଜ୍ୟର ହସ୍ତଶିଳ୍ପ କ୍ଷେତ୍ରରେ ଦ୍ରୁତ ପ୍ରଗତି ନିମନ୍ତେ ରାଜ୍ୟ ସରକାର ଆଜି ଓଡ଼ିଶ ହସ୍ତଶିଳ୍ପ ନୀତି ୨୦୧୯ର ଅନୁମୋଦନ କରିଛନ୍ତି ।

୨. ଓଡିଶା ହସ୍ତଶିଳ୍ପ ନୀତି ୨୦୧୯, ଓଡ଼ିଶାର କୁଶଳୀ କାରିଗରମାନଙ୍କ ଅଦ୍ୱିତୀୟ କଳାକୌଶଳ ପାଇଁ ପ୍ରସିଦ୍ଧି ଲାଭ କରିଥିବା ଓଡ଼ିଶାର ହସ୍ତଶିଳ୍ପ କ୍ଷେତ୍ରକୁ ଏକ ନୂତନ ଶିଖରରେ ସ୍ଥାପନ କରିବା ପାଇଁ ଲକ୍ଷ୍ୟ ରଖିଛି । ଏହା ସର୍ବବିଦିତ ଯେ ହସ୍ତଶିଳ୍ପ କାରିଗରଙ୍କୁ ବାଦ୍ ଦେଇ ହସ୍ତଶିଳ୍ପର ପରିକଳ୍ପନା କରାଯାଇପାରିବ ନାହିଁ । ତେଣୁ ଏହି ନୀତି, କାରିଗର ଏବଂ ତାର ଅନନ୍ୟ କଳାକୃତିକୁ ଏକ ସର୍ବବିଧ ମଞ୍ଚ ପ୍ରଦାନ କରିପାରିବ । ଏହାର ଆଭିମୁଖ୍ୟ ଗୁଡିକ ହେଲା - ରାଜ୍ୟରେ ହସ୍ତଶିଳ୍ପକୁ ଏକ ପ୍ରଗତିଶୀଳ ଏବଂ ଚିରସ୍ଥାୟୀ କ୍ଷେତ୍ରରେ ପରିଗଣିତ କରିବା, ଦେଶୀୟ ଓ **ଆନ୍ତର୍ଜାତୀୟ** ବଜାରରେ ରାଜ୍ୟର ବଜାରଅଂଶ ବୃଦ୍ଧି କରିବା, ହସ୍ତଶିଳ୍ପ କାରିଗରଙ୍କ ଆୟ ଓ ଜୀବିକାମାନର ଉନ୍ନତି, କାରିଗରଙ୍କ ଆୟ ବୃଦ୍ଧିର ସୁଯୋଗକୁ ବର୍ଦ୍ଧିତ କରିବା ଏବଂ ସାଂସ୍କୃତିକ ଐତିହ୍ୟ ଓ ଓଡିଶାର ହସ୍ତଶିଳ୍ପର ଅନନ ପରିଚୟର ସଂରକ୍ଷଣ କରିବା ।

୩. ଏହି ନୀତିର ମୁଖ୍ୟ ଲକ୍ଷ୍ୟ ଗୁଡ଼ିକ ହେଲା –

- ହସ୍ତଶିଳ୍ପ କାରିଗରଙ୍କୁ ଶକ୍ତିଶାଳୀ ଏବଂ ବିକାଶର ମୁଖ୍ୟ ଅଂଶିଦାର କରିବା ।
- ହସ୍ତଶିଳ୍ପୀଙ୍କର କଲ୍ୟାଣ ଉପରେ ଗୁରୁତ୍ୱ ।
- ହସ୍ତଶିଳ୍ପ କାରିଗରଙ୍କ **ଆୟ ବୃଦ୍ଧିର** ସୁଯୋଗକୁ ବର୍ଦ୍ଧିତ କରିବା ଓ ଏହି କ୍ଷେତ୍ରରେ ନୂତନ ପ୍ରତିଭାକୁ ଆକର୍ଷଣ କରିବା ।
- ହସ୍ତଶିଳ୍ପରେ ଆବଶ୍ୟକ ସାମଗ୍ରୀ ଓ ମାନବ ସମ୍ବଳର ପରିବୃଦ୍ଧି ।

- ହସ୍ତଶିଳ୍ପ ସାମଗ୍ରୀ ରପ୍ତାନୀରେ ଓଡ଼ିଶାର ଅବଦାନ ବୃଦ୍ଧି ।
- ଲୁପ୍ତ ପ୍ରାୟ ହସ୍ତଶିଳ୍ପ ଗୁଡ଼ିକର ପୁନରୁଦ୍ଧାର ଉପରେ ଗୁରୁତ୍ୱ ।
- ହସ୍ତକଳା ଐତିହ୍ୟର ସଂରକ୍ଷଣ ।
- ସିଡାକ୍ ପରିସରରେ ଏକ ଉତ୍କର୍ଷତାର କେନ୍ଦ୍ର ସ୍ଥାପନ କରିବା ।

୪. ଯେହେତୁ ହସ୍ତଶିଳ୍ପ କ୍ଷେତ୍ର ଓ ହସ୍ତଶିଳ୍ପୀର ବିକାଶ ପାଇଁ ଅନେକ ଦିଗ ରହିଛି, ସମାନ୍ତରାଳ ଭାବରେ ଅନେକ ପନ୍ଥା ନିର୍ଦ୍ଧାରଣର ଆବଶ୍ୟକତା ରହିଛି । ଏହି ଲକ୍ଷ୍ୟ ହାସଲ ପାଇଁ ମୁଖ୍ୟ ଦିଗ ଗୁଡ଼ିକ ହେଲା

କ) ଉତ୍ପାଦିତ ଦ୍ରବ୍ୟ-

- କଞ୍ଚାମାଲର ସହଜ ଉପଲବ୍ଧି ।
- ବଜାର / ଜୀବନଶୈଳି/ଉପଯୋଗି ପଦାର୍ଥ ର ବିକାଶ ପାଇଁ ନିରବଛିନ୍ନ ନମୁନା ସହାୟତା ପ୍ରଦାନ ।
- ହସ୍ତଶିଳ୍ପ ପାଇଁ ଆକର୍ଷଣୀୟ, ନିରାପଦ ଓ ପରିବେଶ ସହାୟକ, ପ୍ୟାକେଜିଙ୍ଗ ପାଇଁ ସହଯୋଗୀ ଉଦ୍ୟମ ।
- ହସ୍ତଶିଳ୍ପ ସାମଗ୍ରୀର ନିର୍ଦ୍ଧାରିତ ବିକ୍ରୟ ବ୍ୟବସ୍ଥା ।

ଖ) ଉତ୍ପାଦକ

- କାରିଗରୀ କୌଶଳ ବିକାଶ ପାଇଁ ଦକ୍ଷତା ବୃଦ୍ଧି ।
- ହସ୍ତଶିଳ୍ପ କ୍ଷେତ୍ରରେ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଔଦ୍ୟୋଗିକ ଜ୍ଞାନର ପ୍ରୋତ୍ସାହନ ।
- କାରିଗରମାନଙ୍କୁ ବିଭିନ୍ନ ସାମାଜିକ ନିରାପତ୍ତା ଓ କଲ୍ୟାଣ ଯୋଜନାରେ

(ଗ) କ୍ଷେତ୍ରିୟ ସହାୟତା ।

- ବ୍ୟାଙ୍କ ଋଣ ପ୍ରାପ୍ତି ନିମନ୍ତେ ପ୍ରାନ୍ତିକ ରାଶି ସହାୟତା ।
- ହସ୍ତଶିଳ୍ପ କାରିଗରଙ୍କ ସର୍ବେକ୍ଷଣ ଓ ତଥ୍ୟ ସଙ୍କଳନ ।
- ରାଷ୍ଟ୍ରୀୟ ଡିଜାଇନ ସଂସ୍ଥାନ (ଏନ. ଆଇ. ଡ଼ି,), ନିଫଟ୍ ଭଳି ସଂସ୍ଥା ସ ସହଭାଗିତାରେ ନମୁନା, ଗୁଣାତ୍ମକମାନ, ଉତ୍ପାଦନ ହାର, ତୁଳନାତ୍ମକ ମୂଲ ଇତ୍ୟାଦି ପାଇଁ ଉଦ୍ଭାବନୀ କୌଶଳ ପ୍ରଦାନ ।
- ସ୍ୱୟଂ ସହାୟକ ଗୋଷ୍ଠୀ ଭିତ୍ତିକ ପୁଞ୍ଜି ବିକାଶ ।
- ଲୁପ୍ତ ପ୍ରାୟ ହସ୍ତଶିଳ୍ପ କଳାର ପୁନରୁଦ୍ଧାର ଏବଂ ଓଡ଼ିଶାର ସମୃଦ୍ଧ କଳା ଓ ଐତିହ୍ୟ ସଂରକ୍ଷଣ ।
- ବିକ୍ରୀବଟା, ହସ୍ତଶିଳ୍ପ ପ୍ରଶିକ୍ଷଣ ଅନୁଷ୍ଠାନ, ହସ୍ତଶିଳ୍ପ ପାର୍କ ଇତ୍ୟାଦି ପାଇଁ ଭିତ୍ତିଭୂମି ବିକାଶ ।
- ମୁଖ୍ୟ ହସ୍ତଶିଳ୍ପ ପୁଞ୍ଜକୁ ହେରିଟେଜ୍ ଭିଲେଜ୍ ଭାବରେ ବିକାଶ ବ୍ୟବସ୍ଥା ।
- ହସ୍ତଶିଳ୍ପ କ୍ଷେତ୍ରରେ ଶିଳ୍ପନୀତି ୨୦୧୫ ଓ ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ବିକା ନୀତି ୨୦୧୬ ଅନ୍ତର୍ଗତ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ ।
- ପ୍ରୋତ୍ସାହନ ସମ୍ବନ୍ଧୀୟ ସଚେତନତା ଓ ପରିଚାଳନା ପାଇଁ ସହାୟତା କେନ୍ଦ୍ର ପ୍ରତିଷ୍ଠା

*****